# NATIONAL NEWS BULLETIN (ODIA)
## 14th September - 2025
## Evening Bulletin : 7.15 p.m.

*********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ମଳୟ ରଞ୍ଜନ ମିଶ୍ର**

## ମୁଖ୍ୟ ସମ୍ବାଦ

- ବିସ୍ତୃତ ଜଳଶକ୍ତି ସମ୍ବଳକୁ ଉପଯୋଗ କରି ଭାରତ ଶକ୍ତିକ୍ଷେତ୍ରରେ ସ୍ୱାବଲମ୍ବନକୁ ସୁଦୃଢ଼ କରିବ; କହିଲେ ପ୍ରଧାନମନ୍ତ୍ରୀ ।
- ଅହମ୍ମଦାବାଦର ନାରଣପୁରାଠାରେ ଦେଶର ସର୍ବବୃହତ ଓ ଆଧୁନିକ କ୍ରୀଡ଼ା କମ୍ପ୍ଲେକ୍ସକୁ ଉଦ୍‌ଘାଟନ କଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ।
- ଆନ୍ଧ୍ରପ୍ରଦେଶରେ ଅନୁଷ୍ଠିତ ହେଉଛି ମହିଳା ସଶକ୍ତୀକରଣ ଆଧାରିତ ସଂସଦୀୟ ଓ ବିଧାନସଭା କମିଟିର ଦୁଇଦିନିଆ ଜାତୀୟ ସମ୍ମିଳନୀ ।
- କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଆସନ୍ତାକାଲି ନୂଆଦିଲ୍ଲୀରେ ଆୟୋଜିତ ହେବ ଜାତୀୟ କୃଷି ସମ୍ମିଳନୀ ‘ରବି ଅଭିଯାନ-୨୦୨୫’ ।

ଏବଂ

- ଚଳିତ ମହିଳା ଆନ୍ତର୍ଜାତିକ ଦିନିକିଆ କ୍ରିକେଟ ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ସମ୍ମୁଖରେ ୨୮୨ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି ଭାରତ ।

## ପି.ଏମ୍. - ଆସାମ ବାୟୋ ଇଥାନଲ୍ ପ୍ଲାଣ୍ଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ଭାରତ ଶକ୍ତିକ୍ଷେତ୍ରରେ ଆତ୍ମନିର୍ଭର ହେବା ଲକ୍ଷ୍ୟ ରଖିଛି । ବିଦେଶୀ ଇନ୍ଧନ ଉପରେ ନିର୍ଭରଶୀଳତା ହ୍ରାସ ପାଉଛି ବୋଲି ଶ୍ରୀ ମୋଦି କହିଛନ୍ତି । ଆସାମର ଗୋଲାଘାଟି ଜିଲ୍ଲାରେ ଦେଶର ପ୍ରଥମ ବାଉଁଶ ଆଧାରିତ ଜୈବ ବିଶୋଧନାଗାର ଉଦ୍‌ଘାଟନ କରିବା ଅବସରରେ ପ୍ରଧାନମନ୍ତ୍ରୀ ଏହା କହିଛନ୍ତି । ସେ କହିଛନ୍ତି, ଭାରତ ନିଜର ବିସ୍ତୃତ ଜଳଶକ୍ତି ସମ୍ବଳକୁ ଉପଯୋଗ କରି ଶକ୍ତିକ୍ଷେତ୍ରରେ ସ୍ୱାବଲମ୍ବନକୁ ସୁଦୃଢ଼ କରିବ । ଜୈବ ଇଥାନଲ୍ ପ୍ଲାଣ୍ଟ ଏ ଦିଗରେ ଏକ ଦୃଢ଼ ପଦକ୍ଷେପ ।

***Voice (PM Ethanol bamboo)*** :..........

ସୌରଶକ୍ତି କ୍ଷେତ୍ରରେ ଭାରତ ବିଶ୍ୱର ଶ୍ରେଷ୍ଠ ୫ଟି ରାଷ୍ଟ୍ର ମଧ୍ୟରେ ରହିଛି । ଏହି ଅବସରରେ ଶ୍ରୀ ମୋଦି ଏକ ପଲିପ୍ରୋପାଇଲେନ୍ ୟୁନିଟ୍‌ର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ପୂର୍ବରୁ ପ୍ରଧାନମନ୍ତ୍ରୀ ଦରାଙ୍ଗ ଜିଲ୍ଲାରେ ଦରାଙ୍ଗ ମେଡିକାଲ୍ କଲେଜ, ନର୍ସିଂ କଲେଜ ଏବଂ ଜ.ଏନ୍.ଏମ୍. ସ୍କୁଲ୍‌ର ଭିତ୍ତିପ୍ରସ୍ତର

ସ୍ଥାପନ କରିଥିଲେ । ଭର୍ଚୁଆଲ୍ ମାଧ୍ୟମରେ ଗୁଆହାଟୀର ନରେଙ୍ଗି ଏବଂ ଦରାଙ୍ଗ୍‌ର କୁରୁଓ୍ୱା ରିଙ୍ଗ୍‌ରୋଡ୍ ପ୍ରକଳ୍ପକୁ ସଂଯୋଗ କରୁଥିବା ବ୍ରହ୍ମପୁତ୍ର ନଦୀ ଉପରେ ଏକ ନୂତନ ସେତୁ ନିର୍ମାଣର ଶିଳାନ୍ୟାସ କରିଥିଲେ । ଏହି କାର୍ଯ୍ୟକ୍ରମଗୁଡ଼ିକରେ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା, ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୁଓ୍ୱାଲ୍, ପେଟ୍ରୋଲିୟମ୍ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରୀ ହରଦୀପ ସିଂହ ପୁରି ପ୍ରମୁଖ ଉପସ୍ଥିତ ଥିଲେ । ଆସାମରେ ତାଙ୍କର କାର୍ଯ୍ୟକ୍ରମ ଶେଷ କରି ଶ୍ରୀ ମୋଦି ଜୋରହାଟ ବିମାନବନ୍ଦରରୁ କୋଲ୍‌କାତା ଅଭିମୁଖେ ଯାତ୍ରା କରିବେ ।

## ଅମିତ୍ ଶାହା - ସ୍ପୋର୍ଟସ୍ କମ୍ପ୍ଲେକ୍ସ

୨୦୪୭ ସୁଦ୍ଧା ଦେଶକୁ ଏକ ଶ୍ରେଷ୍ଠ କ୍ରୀଡ଼ା ରାଷ୍ଟ୍ରଭାବେ ଗଢ଼ିତୋଳିବା ପାଇଁ କେନ୍ଦ୍ର ସରକାରଙ୍କ ପ୍ରତିବଦ୍ଧତା ଉପରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଆଲୋକପାତ କରିଛନ୍ତି । ଅହମ୍ମଦାବାଦର ନାରଣପୁରାଠାରେ ଆଜି ଦେଶର ସର୍ବବୃହତ୍ ଏବଂ ଆଧୁନିକ କ୍ରୀଡ଼ା କମ୍ପ୍ଲେକ୍ସକୁ ଉଦ୍‌ଘାଟନ କରିବା ଅବସରରେ ଶ୍ରୀ ଶାହା ଏହା କହିଛନ୍ତି । ଅହମ୍ମଦାବାଦ ଖୁବ୍‌ଶୀଘ୍ର ଏସିଆର କ୍ରୀଡ଼ା ରାଜଧାନୀ ଏବଂ ରାଜ୍ୟଗୋଷ୍ଠୀ କ୍ରୀଡ଼ାପାଇଁ ଏକ ପ୍ରମୁଖ ସ୍ଥାନ ଭାବେ ପରିଗଣିତ ହେବ ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି । ଗତ ଦଶନ୍ଧି

ମଧ୍ୟରେ ଦେଶର କ୍ରୀଡ଼ା କ୍ଷେତ୍ରରେ ପରିବର୍ତ୍ତନ ଉପରେ ଆଲୋକପାତ କରି ଶ୍ରୀ ଶାହା କହିଛନ୍ତି, କ୍ରୀଡ଼ା ବଜେଟ୍ ୧ ହଜାର ୬୪୩ କୋଟି ଟଙ୍କାରୁ ବୃଦ୍ଧି ପାଇ ଏବେ ୫ ହଜାର ୩ ଶହ କୋଟି ଟଙ୍କାରେ ପହଞ୍ଚିଛି । ୮୨୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ବୃହତ୍ କମ୍ପ୍ଲେକ୍ସ ଖେଳାଳିଙ୍କୁ ଅଭ୍ୟନ୍ତରୀଣ ଏବଂ ବାହ୍ୟ କ୍ରୀଡ଼ା କ୍ଷେତ୍ରରେ ଅତ୍ୟାଧୁନିକ ସୁବିଧା ସୁଯୋଗ ପ୍ରଦାନ କରିବ । ଏହି କମ୍ପ୍ଲେକ୍ସରେ ଖେଳାଳିଙ୍କ ପାଇଁ ସ୍ୱତନ୍ତ୍ର ତାଲିମ୍ ଏବଂ ଆବାସିକ ସୁବିଧା ରହିଛି । ଅନ୍ୟମାନଙ୍କ ମଧ୍ୟରେ ଏହି ସମାରୋହରେ କ୍ରୀଡ଼ା ଓ ଯୁବବ୍ୟାପାର ମନ୍ତ୍ରୀ ମନସୁଖ ମାଣ୍ଡବୀୟ, ଗୁଜରାଟ ମୁଖ୍ୟମନ୍ତ୍ରୀ ଭୁପେନ୍ଦ୍ର ପଟେଲ୍ ପ୍ରମୁଖ ଉପସ୍ଥିତ ଥିଲେ ।

## ଗୋୟଲ୍ - ମେଡିଆ କନ୍‌କ୍ଲେଭ୍

ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋୟଲ୍ କହିଛନ୍ତି, ୨୦୪୭ ସୁଦ୍ଧା ଭାରତ ୩୦ ଟ୍ରିଲିୟନ୍ ଡଲାର ଅର୍ଥନୀତିରେ ପରିଣତ ହେବ । ନୂଆଦିଲ୍ଲୀରେ ଏକ ଘରୋଇ ଗଣମାଧ୍ୟମ ସଙ୍ଗଠନର ବାର୍ଷିକ ସମ୍ମିଳନୀ ଅବସରରେ ଏକ ଆଲୋଚନା ଅଧିବେଶନରେ ଆଜି ଯୋଗଦେଇ ଶ୍ରୀ ଗୋୟଲ୍ ଏହା କହିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶର ମୁଦ୍ରାସ୍ଫୀତି ନିୟନ୍ତ୍ରଣରେ ରହିଥିବା ନେଇ ଉଲ୍ଲେଖ କରି ମନ୍ତ୍ରୀ ଶ୍ରୀ ଗୋୟଲ କହିଛନ୍ତି,

୨୦୧୪ରେ ଦେଶର ନେତୃତ୍ୱ ଗ୍ରହଣ କରିବା ପରେ ମୂଲ୍ୟ ନିୟନ୍ତ୍ରଣ ସରକାରଙ୍କ ପ୍ରାଥମିକତା ରହିଥିଲା । ଦେଶର ଆର୍ଥିକ ଏବଂ ମୁଦ୍ରାନୀତି ଉପରେ ନିରନ୍ତର ଦୃଷ୍ଟି ରଖିବାକୁ ଭାରତୀୟ ରିଜର୍ଭ ବ୍ୟାଙ୍କ୍‌କୁ ନିର୍ଦ୍ଦେଶ ଦିଆଯାଇଥିଲା ବୋଲି ଶ୍ରୀ ଗୋୟଲ୍ କହିଛନ୍ତି । ଦେଶର ଏମ୍.ଏସ୍.ଏମ୍.ଇ. କ୍ଷେତ୍ରପାଇଁ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ପଦକ୍ଷେପଗୁଡ଼ିକ ଉପରେ ଶ୍ରୀ ଗୋୟଲ୍ ଏହି ଅବସରରେ ଆଲୋକପାତ କରିଛନ୍ତି । ପରବର୍ତ୍ତୀ ପିଢ଼ିର ଜି.ଏସ୍.ଟି. ସଂସ୍କାର ଅନେକ ଆହ୍ୱାନର ସମାଧାନର ମାର୍ଗ ଉନ୍ମୁକ୍ତ କରିବା ସହ କର ପ୍ରଦାନ ବ୍ୟବସ୍ଥାକୁ ସରଳ କରିଛି ବୋଲି ସେ କହିଛନ୍ତି । ୨୦୧୭ରେ ଜି.ଏସ୍.ଟି. ପ୍ରଚଳନ ଦେଶରେ ସ୍ୱାଧୀନୋତ୍ତର ପରିସ୍ଥିତିର ସବୁଠାରୁ ବଡ଼ ପଦକ୍ଷେପ ଥିଲା ବୋଲି ଶ୍ରୀ ଗୋୟଲ କହିଛନ୍ତି ।

## ଏ.ବି. - ବିର୍ଲା ନ୍ୟାସନାଲ୍ କନ୍‌ଫରେନ୍ସ

ଅନ୍ଧ୍ରପ୍ରଦେଶର ତିରୁପତି ସହରରେ ମହିଳା ସଶକ୍ତୀକରଣ ଆଧାରିତ ସଂସଦୀୟ ଏବଂ ବିଧାନସଭା କମିଟିର ଦୁଇଦିନିଆ ଜାତୀୟ ସମ୍ମିଳନୀକୁ ଲୋକସଭା ବାଚସ୍ପତି ଓମ୍ ବିର୍ଲା ଉଦ୍‌ଘାଟନ କରିଛନ୍ତି । ଦେଶର ପ୍ରଗତିରେ ମହିଳାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ବାଚସ୍ପତି ଶ୍ରୀ ବିର୍ଲା କହିଛନ୍ତି । ଜାତୀୟ ମହିଳା ସଶକ୍ତୀକରଣ ଆଧାରିତ ଏହି ପ୍ରଥମ ସମ୍ମିଳନୀକୁ ସମ୍ବୋଧନ

କରିବା ଅବସରରେ ସେ କହିଛନ୍ତି, ମହିଳାଙ୍କ ବିକାଶକୁ ପ୍ରାଥମିକତା ପ୍ରଦାନ କରାଯାଉଛି । ବିଧାନସଭାଗୁଡ଼ିକରେ ୩୩ ପ୍ରତିଶତ ଆସନ ମହିଳାଙ୍କପାଇଁ ସଂରକ୍ଷିତ ସଂକ୍ରାନ୍ତ ଆଇନ ମଧ୍ୟ ପ୍ରଣୟନ ହୋଇସାରିଛି ।

ଏହି ଅବସରରେ ଶ୍ରୀ ବିର୍ଲା ଏକ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିବା ସହ ସ୍ମରଣିକା ଉନ୍ମୋଚନ କରିଛନ୍ତି ।

## ଏଗ୍ରିକଲ୍‌ଚର କନ୍‌ଫରେନ୍ସ

ନୂଆଦିଲ୍ଲୀରେ ଆସନ୍ତାକାଲି ଜାତୀୟ କୃଷି ସମ୍ମିଳନୀ ‘ରବି ଅଭିଯାନ-୨୦୨୫’ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବ । ମନ୍ତ୍ରଣାଳୟ ପକ୍ଷରୁ ଏକ ବିବୃତ୍ତିରେ କୁହାଯାଇଛି, ରବି ଫସଲ ଚାଷୀଙ୍କୁ ସହଯୋଗ ପ୍ରଦାନ, ଉତ୍ପାଦନ ଲକ୍ଷ୍ୟ ସ୍ଥିର ଏବଂ ନିରନ୍ତର କୃଷି ବ୍ୟବସ୍ଥାକୁ ପ୍ରୋତ୍ସାହନ ପ୍ରଦାନ କରିବାର ଲକ୍ଷ୍ୟ ନେଇ ଏହି ଦୁଇଦିନିଆ ସମ୍ମିଳନୀର ଆୟୋଜନ କରାଯାଇଛି । ଜାତୀୟ ଖାଦ୍ୟ ସୁରକ୍ଷାକୁ ସୁନିଶ୍ଚିତ କରିବାପାଇଁ ମଧ୍ୟ ଏହି ସମ୍ମିଳନୀରେ ଆଲୋଚନା ବୈଠକ ଅନୁଷ୍ଠିତ ହେବାର କାର୍ଯ୍ୟସୂଚୀ ରହିଛି । ଏଥିରେ କୃଷି ବିଶେଷଜ୍ଞ, ନୀତି ନିର୍ଦ୍ଧାରକ, ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଯୋଗଦେଇ ମତ ବିନିମୟ କରିବେ ।

## ବୈଷ୍ଣବ - ହିନ୍ଦୀ ଦିବସ

ହିନ୍ଦୀ ଦିବସ ଅବସରରେ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ବୈଷ୍ଣବ କହିଛନ୍ତି, ଆତ୍ମନିର୍ଭର ଦେଶ ଗଠନରେ ଭାରତୀୟ ଭାଷାଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏହା ଦେଶର ସାଂସ୍କୃତିକ ଐତିହ୍ୟ । ହିନ୍ଦୀ ସମେତ ସମସ୍ତ ଭାରତୀୟ ଭାଷାକୁ ଜାତୀୟ ଅଭିବ୍ୟକ୍ତିର ଏକ ଶକ୍ତିଶାଳୀ ମାଧ୍ୟମ କରିବାକୁ ଶ୍ରୀ ବୈଷ୍ଣବ ପରାମର୍ଶ ଦେଇଛନ୍ତି ।

## ସଞ୍ଜୟ ଜାଜୁ - ବିହାର ଭିଜିଟ୍

ୱେଭ୍‌ସ ଓ.ଟି.ଟି. ଏକ ଅନନ୍ୟ ପ୍ଲାଟ୍‌ଫର୍ମ ଏବଂ ଏହାକୁ ଭବିଷ୍ୟତରେ ଏକ ଭିଡ଼ିଓ ଶେୟାରିଂ ମଞ୍ଚ ଭାବେ ବିକଶିତ କରାଯିବ ବୋଲି ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ସଚିବ ସଞ୍ଜୟ ଜାଜୁ କହିଛନ୍ତି । ପାଟନାରେ ଆକାଶବାଣୀ ସମାଚାର ସହ ଆଲୋଚନା ଅବସରରେ ଶ୍ରୀ ଜାଜୁ କହିଛନ୍ତି, ଦୂରଦର୍ଶନ, ଆକାଶବାଣୀର ସିଧାପ୍ରସାରଣ କାର୍ଯ୍ୟକ୍ରମ ସହିତ ପ୍ରକାଶନ ବିଭାଗର ପତ୍ରିକା ମଧ୍ୟ ଏଥିରେ ଉପଲବ୍ଧ ହେବ ।

ବିହାରକୁ ଦୁଇଦିନିଆ ଗସ୍ତ ଅବସରରେ ପ୍ରଥମ ଦିନରେ ଶ୍ରୀ ଜାଜୁ ଆଜି ପାଟନା ଦୂରଦର୍ଶନଠାରେ ରାଜ୍ୟର ସମସ୍ତ ଗଣମାଧ୍ୟମ ୟୁନିଟ୍‌ର ଅଧିକାରୀଙ୍କ ସହ ଏକ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ । ସରକାରଙ୍କ ଏହି ଯୋଜନାଗୁଡ଼ିକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବାପାଇଁ ସମନ୍ୱିତ ଭାବେ କାର୍ଯ୍ୟ କରିବାକୁ ସେ ଉପସ୍ଥିତ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି । ତୃଣମୂଳ ସ୍ତରର ଦର୍ଶକଙ୍କ ସହିତ ଯୋଗାଯୋଗ ସ୍ଥାପନ ଲକ୍ଷ୍ୟରେ ଆଞ୍ଚଳିକ ଗଣମାଧ୍ୟମଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଶ୍ରୀ ଜାଜୁ କହିଛନ୍ତି । କ୍ଷମତାର ବିକେନ୍ଦ୍ରୀକରଣ ସହିତ ଦୂରଦର୍ଶନ ଏବଂ ଆଞ୍ଚଳିକ ସମ୍ବାଦ ବିଭାଗପାଇଁ ବଜେଟ୍‌ରେ ଅତିରିକ୍ତ ବ୍ୟବସ୍ଥା କରିବା ଏବଂ ସେଗୁଡ଼ିକୁ ସ୍ୱାୟତ୍ତତା ପ୍ରଦାନ କରିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି ।

## ଜି.ଏସ୍.ଟି. - ସ୍ପେକ୍ଟାକ୍‌ଲ୍‌ସ

ସ୍ୱାଧୀନତା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜିଏସ୍‌ଟି ସଂସ୍କାରର ପରବର୍ତ୍ତୀ ପୀଢ଼ି ଘୋଷଣା କରିଥିଲେ । ଜିଏସ୍‌ଟି ପରିଷଦ ବୈଠକରେ ବିଭିନ୍ନ କ୍ଷେତ୍ରରେ ଦ୍ରବ୍ୟ ଓ ସେବାକର ହ୍ରାସ କରାଯାଇ ନିମ୍ନ ଏବଂ ମଧ୍ୟମିତ୍ତ ପରିବାର ଲୋକମାନଙ୍କ ଜୀବନଶୈଳୀରେ ଉନ୍ନତି କରାଯାଇ

ପାରିବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ । ସ୍ୱାସ୍ଥ୍ୟକ୍ଷେତ୍ରରେ ଜିଏସ୍‌ଟି ସଂସ୍କାରମୂଳକ ପଦକ୍ଷେପ ସ୍ୱରୂପ ଦ୍ରବ୍ୟ ଓ ସେବାକରରେ ହ୍ରାସ କରାଯାଇଛି ।

ପରବର୍ତ୍ତୀ ପିଢ଼ିର ଜି.ଏସ୍.ଟି. ସଂସ୍କାର ମାଧ୍ୟମରେ ସରକାର ଚଷମା ଉପରେ ପୂର୍ବରୁ ଥିବା ୧୨ ପ୍ରତିଶତ ଟିକସକୁ ୫ ପ୍ରତିଶତକୁ ହ୍ରାସ କରିଛନ୍ତି । ଏହାଦ୍ୱାରା ଚଷମା ଉପରେ ନିର୍ଭରଶୀଳ ନାଗରିକଙ୍କ ଖର୍ଚ୍ଚ ହ୍ରାସ ପାଇବ । ବିଶେଷକରି ଛାତ୍ର, ବରିଷ୍ଠ ନାଗରିକ ଏବଂ ନିମ୍ନ ଆୟକାରୀବର୍ଗଙ୍କପାଇଁ ଏହା ବେଶ୍ ଉପଯୋଗୀ ସାବ୍ୟସ୍ତ ହେବ । ଏହି ନିଷ୍ପତ୍ତିଦ୍ୱାରା ଚାହିଦା ବୃଦ୍ଧି ପାଇବା ସହ ଉତ୍ପାଦ କ୍ଷେତ୍ର ମଧ୍ୟ ତ୍ୱରାନ୍ୱିତ ହେବ । ଜି.ଏସ୍.ଟି. ସଂସ୍କାର ଚଷମାର ଗୁଣବତ୍ତା ଏବଂ ବ୍ୟବହାରକୁ ବୃଦ୍ଧି କରିପାରେ ସହାୟକ ହେବ । ଏହି ଐତିହାସିକ ସଂସ୍କାଗୁଡ଼ିକ ନାଗରିକଙ୍କ ପାଖରେ ଚିକିତ୍ସାସେବାକୁ ଅଧିକ ସୁଲଭ କରିବା ସହ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି ।

## ରାଜସ୍ଥାନ – ଆକ୍ସିଡେଣ୍ଟ

ରାଜସ୍ଥାନର ଜୟପୁରଠାରେ ଏକ ସଡ଼କ ଦୁର୍ଘଟଣାରେ ୭ ଜଣଙ୍କର ମୃତ୍ୟୁ ହୋଇଛି । ଶିବଦାସପୁରା ଥାନ ଅଞ୍ଚଳର ପ୍ରହଲ୍ଲାଦପୁରା ନିକଟରେ ଏକ ଡ୍ରେନ୍‌ରେ ଗୋଟିଏ କାର୍ ଖସିପଡ଼ିବାରୁ ଏହି ଦୁର୍ଘଟଣା ଘଟିଛି ।

ଘଟଣାସ୍ଥଳରେ ସମସ୍ତଙ୍କର ମୃତ୍ୟୁ ଘଟିଛି । ଗତ ବିଳମ୍ବିତ ରାତିରେ ଏହି ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି । ଆଜି ଅପରାହ୍ଣରେ ଜଣେ ବାଳକ ଡ୍ରେନ୍‌ରେ କାର୍ ବୁଡ଼ି ରହିଥିବା ଦେଖି ପୁଲିସ୍‌କୁ ଖବର ଦେବା ପରେ ଦୁର୍ଘଟଣା ସମ୍ପର୍କରେ ଜଣାପଡ଼ିଥିଲା । ଶାହାପୁରା ଏବଂ ଜୟପୁରର ବାସିନ୍ଦାଙ୍କୁ ନେଇ କାର୍‌ଟି ହରିଦ୍ୱାରରୁ ଫେରୁଥିବାବେଳେ ଏହି ଦୁର୍ଘଟଣା ଘଟିଛି ।

## ଇଣ୍ଡିଆ-ଅଷ୍ଟ୍ରେଲିଆ ୱିମେନ୍ କ୍ରିକେଟ୍

ଭାରତ-ଅଷ୍ଟ୍ରେଲିଆ ମହିଳା ଆନ୍ତର୍ଜାତିକ ଦିନିକିଆ କ୍ରିକେଟ୍ ସିରିଜ୍‌ର ପ୍ରଥମ ମ୍ୟାଚ୍ ଜାରି ରହିଛି । ପଞ୍ଜାବର ମୁଲ୍ଲାନପୁରଠାରେ ଚାଲିଥିବା ଏହି ମ୍ୟାଚ୍‌ରେ ଭାରତ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ନିର୍ଦ୍ଧାରିତ ୫୦ ଓଭର୍‌ରେ ୭ ୱିକେଟ୍ ବିନିମୟରେ ଭାରତ ୨୮୧ ରନ୍ ସଂଗ୍ରହ କରିଛି । ୨୮୨ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଅଷ୍ଟ୍ରେଲିଆର ବ୍ୟାଟିଂ ଜାରି ରହିଛି । ସମ୍ବାଦ ପ୍ରସ୍ତୁତ ହେବାବେଳକୁ ଅଷ୍ଟ୍ରେଲିଆ ୨୩ ଓଭରରେ ୧ ୱିକେଟ୍ ବିନିମୟରେ ୧୪୦ ରନ୍ ସଂଗ୍ରହ କରିଥିଲା ।

*****